# ଟାଟା ଟି ଆନ୍ତଃସ୍କୁଲ ଫୁଟ୍‌ବଲ ଉଦ୍‌ଯାପିତ




ଭୁବନେଶ୍ୱର, ୨୯।୧୨ (ବ୍ୟୁରୋ)- ଭୁବନେଶ୍ୱର ଆଥଲେଟିକ୍ ଆସୋସିଏସନ ଆନୁକୂଲ୍ୟରେ ଆୟୋଜିତ 'ଟାଟା ଟି ଜାଗୋରେ ଇଣ୍ଟର ମିଲାନ ସକର ଷ୍ଟାର' ଆନ୍ତଃସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି । ଇଣ୍ଟରମିଲାନ କ୍ଲବର ସାରା ବିଶ୍ୱରେ ଫୁଟବଲ ପ୍ରତିଭା ଚିହ୍ନଟ କାର୍ଯ୍ୟକ୍ରମ ଅଧିନରେ ଭାରତର ୧୫ ସ୍ଥାନ ସମେତ ଭୁବନେଶ୍ୱରରେ ୧୪ବର୍ଷରୁ କମ ଆନ୍ତଃସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱରର ୩୪ଟି, କଟକରୁ ୫ଟି ସମ୍ବଲପୁରରୁ ଗୋଟିଏ ଦଳ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିଲେ।

ଟୁର୍ଣ୍ଣାମେଣ୍ଟର ଫାଇନାଲରେ ଟାଉନ ହାଇସ୍କୁଲ ସମ୍ବଲପୁର ଏବଂ କଟକର ସୟଦ ସେମିନାରୀ ସ୍କୁଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଟାଉନ ହାଇସ୍କୁଲ, ସମ୍ବଲପୁର ୩-୨ ଗୋଲରେ ବିଜୟୀ ହୋଇ ଚମ୍ପିଆନ ହୋଇଥିଲା ବେଳେ ସୟଦ ସେମିନାରୀ କଟକ ରନର୍ସଅପ ହୋଇଥିଲା । ଏଥିରେ ସମ୍ବଲପୁର ଟାଉନ ସ୍କୁଲର ରାକେଶ ଓରାମ ଏବଂ ପିଏମ ଏକାଡେମୀର ପ୍ରକାଶ ନାୟକ ଶ୍ରେଷ୍ଠ ପ୍ରତିଭା ଭାବେ ମନୋନୀତ ହୋଇଥିଲେ । ପୂର୍ବତନ ବିଶିଷ୍ଟ ଫୁଟବଲ ଖେଳାଳି ମହମ୍ମଦ ନାସିର ମୁଖ୍ୟ ମନୋନୟକ କାରୀ ଭାବେ ପ୍ରତିଭା ଚୟନ କରିଥିଲେ । ଆଜିର ଉଦଯାପନ ଉତ୍ସବରେ ମହିଳା କରାଟେ ଖେଳାଳି ଭାଲିନା ଭାଲେଣ୍ଟିନା, ଟାଟା ଟିର ଆର.ପି. ଶତପଥୀ, ପୂର୍ବତନ ପୁଲିସ ଅଧିକାରୀ ଅରବିନ୍ଦ ମିତ୍ର, ଓସିଏ ଉପସଭାପତି ନବରଞ୍ଜନ ପଟ୍ଟନାୟକ, କଳିଙ୍ଗ ଷ୍ଟାଡିୟମ ଇନଚାର୍ଜ କୁମାର ରଞ୍ଜନ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ ।